# ପାରମ୍ପରିକ ଲୋକନୃତ୍ୟ, ବାଦ୍ୟ ଉପରେ ଗୁରୁତ୍ୱ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଶ୍ରୀରାମ ନବମୀ ସମିତି କର୍ମକର୍ତ୍ତା।

## ଶ୍ରୀରାମ ନବମୀ ସମିତି ଓ ପ୍ରଶାସନର ମିଳିତ ବୈଠକ

### ଶୋଭାଯାତ୍ରାରେ ଡିଜେରେ ବ୍ୟବହାର ହେବନି ଭାଇବ୍ରେଟର

**ତିହିଡ଼ି,୧୭।୩(ସଞ୍ଜିତ ବଳ)**

ଶ୍ରୀରାମ ନବମୀ ଅବସରରେ ତିହିଡ଼ିରେ ଆସନ୍ତା ୨୮ତାରିଖରେ ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଅନୁଷ୍ଠିତ ହେବ। ଏଥର ୧୨ବର୍ଷରେ ପଦାର୍ପଣ କରୁଥିବାରୁ ମହୋତ୍ସବରେ ଶାନ୍ତିଶୃଙ୍ଖଳା ନେଇ ମଙ୍ଗଳବାର ଅପରାହ୍ନରେ ପ୍ରଶାସନ ଓ ଶ୍ରୀରାମ ନବମୀ ସମିତିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବ୍ଲକ ସଭାଗୃହରେ ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମିତି ସଭାପତି କିଶୋର କୁମାର ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ମହୋତ୍ସବ ଗଣପର୍ବରେ ପରିଣତ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳରୁ ୫୨ଟି ପ୍ରଜ୍ଞାପନ ମେଢ଼ ଏଥିରେ ଯୋଗଦେବେ ବୋଲି ସୂଚନା ଦେବା ସହ ବିଭିନ୍ନ ଦିବସରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଶୋଭାଯାତ୍ରାରେ ଡିଜେରେ ଭାଇବ୍ରେଟର ବ୍ୟବହାର ହେବନାହିଁ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ। ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ପାରମ୍ପରିକ ବାଦ୍ୟ ଓ ଲୋକନୃତ୍ୟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେବା ସହ ନିଶା ସେବନଠାରୁ ଦୂରେଇ ରହିବାକୁ କହିଥିଲେ।

ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଡିଜେରେ ଭାଇବ୍ରେଟର ନ ଲଗାଇବାକୁ ପରାମର୍ଶ ଦେଇଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ସିତାକାନ୍ତ ନାୟକ ପ୍ରଜ୍ଞାପନ ମେଢ଼ଗୁଡ଼ିକ ରାମ ମନ୍ଦିର ନିକଟରେ ସହଜ ପହଞ୍ଚିବା ଦିଗରେ ବ୍ୟବସ୍ଥା କରିବାକୁ ଏବଂ ମେଢ଼ ଉଚ୍ଚତା ଅଧିକ ନ କରିବାକୁ କହିଥିଲେ। କର୍ମକର୍ତ୍ତା ବିଶ୍ୱଜିତ ବେହେରା ଓ ଦୀପକ ସ୍ୱାଇଁ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଥିଲେ। ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ବିଭାଗୀୟ ଅଧିକାରୀ ବିପ୍ଳବ ରଞ୍ଜନ ପତି, ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ସାହୁ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ, ସମିତି ଉପଦେଷ୍ଟା ଡ.ଲକ୍ଷ୍ମୀଧର ତ୍ରିପାଠୀ, ଅଜୟ କୁମାର ନାୟକ, ରଘୁନାଥ ପାତ୍ର, ସମ୍ପାଦକ ଯଯାତି କେଶରୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ଶୁଭ୍ର ନାରାୟଣ ସେଠୀ, ପି. ହୃଷୀକେଶ, ଚନ୍ଦ୍ରକାନ୍ତ ମହାନ୍ତି, ସମିତିସଭ୍ୟ ଶୁକଦେବ ମଲିକଙ୍କ ସମେତ ସମିତିର କର୍ମକର୍ତ୍ତା ଓ ବିଭିନ୍ନ ସାମାଜିକ ସଙ୍ଗଠନ କର୍ମକର୍ତ୍ତା ବୈଠକରେ ଅଂଶଗ୍ରହଣ କରିଥିଲେ।

# ଅମାନିଆଙ୍କୁ ସାବାଡ଼୍ ପାଇଁ ପୋଲିସର ଚେକିଂ



କଲେଜ ରୋଡ୍ ଟ୍ରାଫିକ ଛକରେ ପୋଲିସ ଚେକିଂ କରୁଛି।

**ଭଦ୍ରକ,୧୭।୩(ସନାତନ ରାଉତ)**

ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼୍ କରିବା ପାଇଁ ଗତ ୨ ଦିନ ଧରି ପୋଲିସ ପକ୍ଷରୁ ଭଦ୍ରକ ସହରରେ ଚେକିଂ ଆରମ୍ଭ ହୋଇଛି। ସହରର କଲେଜ ରୋଡ୍ ଟ୍ରାଫିକ ଛକ, ବନ୍ତଛକ, ଆରଡ଼ି ଛକ, ବାଇପାସ୍ ଆଦି ସ୍ଥାନରେ ଚେକିଂକୁ କଡ଼ାକଡ଼ି କରାଯାଇଛି। ବିନା ହେଲ୍‌ମେଟ୍‌ରେ ବାଇକ୍ ଚଲାଇବା, ନାବାଳକ ବାଇକ୍ ଚଲାଇବା, ବାଇକ୍‌ରେ ୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯାଉଥିବା, ସିଟ୍‌ବେଲ୍ଟ ନ ପିନ୍ଧି ଚାରିଚକିଆ ଯାନ ଚଲାଇବା, ପ୍ରଦୂଷଣ, ବୀମା ଆଦି କାଗଜପତ୍ର ପୋଲିସ ଯାଞ୍ଚ କରୁଛି। ଏବେ ବିନା ହେଲ୍‌ମେଟ୍‌ରେ ଏବଂ ନାବାଳକ ଚାଳକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପୋଲିସ ପକ୍ଷରୁ ଏହି ଚେକିଂ ଆରମ୍ଭ କରାଯାଇଛି।

# ୧୯ରେ ହେବ ଗଣଦୌଡ଼


ଖବରଦାତା ସମ୍ମିଳନୀରେ ଭାରତୀୟ ସଂସ୍କୃତି ପ୍ରଚାର ସମିତିର କର୍ମକର୍ତ୍ତା।

## ଶ୍ରୀରାମ ନବମୀ ମହୋତ୍ସବ, ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକୋତ୍ସବ ପ୍ରସ୍ତୁତି

**ବାସୁଦେବପୁର,୧୭।୩ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ପୌରପାଳିକା ଅଧୀନ ବାଲିନଗରଠାରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ୧୭ତମ ବାର୍ଷିକୋତ୍ସବ ନିମନ୍ତେ ଆୟୋଜିତ ହେବାକୁ ଥିବା ଗଣଦୌଡ଼କୁ ସଫଳ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ସନ୍ଧ୍ୟାରେ ବାସୁଦେବପୁର-ଧାମରା ରୋଡ୍ ନିକଟରେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ଆସନ୍ତା ୧୯ ତାରିଖରେ ଏକ ବିଶାଳ ଗଣଦୌଡ଼ ବାଲିନଗର ଯାଦବ ପଡ଼ିଆରୁ ବାହାରି ସହର ପରିକ୍ରମା କରିବ। ହନୁମାନ ବାଟିକା ପରିସରରେ ଥିବା ଶ୍ରୀରାମ ମନ୍ଦିର ନିକଟରେ ଗଣଦୌଡ଼ ଶେଷ ହେବ। ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା, ମେଢ଼ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜନ, ହନୁମାନ ଚାଳିଶା ପାଠ, ଯଜ୍ଞ ଆଦି କାର୍ଯ୍ୟକ୍ରମ ମନ୍ଦିରଠାରେ ଅନୁଷ୍ଠିତ ହେବ। ରାମନବମୀ ଅବସରରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରାରେ ୧୦ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ସମିତି ପକ୍ଷରୁ ସମ୍ବିତ ମହାନ୍ତି, ପ୍ରତାପ ପାଢ଼ୀ, ରଶ୍ମିରଞ୍ଜନ ପଲେଇ, ଶଙ୍କର୍ଷଣ ମହାକୁଡ଼, ଜୟପ୍ରକାଶ ମଲିକ, ପୁରୁଷୋତ୍ତମ ବେହେରା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# 'ଓଡ଼ିଆ ଭାଷାର ମର୍ଯ୍ୟାଦା ରଖିବାରେ କବିଶେଖରଙ୍କ ଭୂମିକା ଅତୁଳନୀୟ'

## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

**ଭଦ୍ରକ,୧୭।୩(ସନାତନ ରାଉତ)**



ସମାରୋହରେ ଉପସ୍ଥିତ ଅତିଥି।

ଓଡ଼ିଆ ଭାଷା ସାହିତ୍ୟର ଇତିହାସ ଚିରକାଳ ପାଇଁ କବିଶେଖର ଚିନ୍ତାମଣି ମହାନ୍ତିଙ୍କ ପ୍ରତିଭା ଓ ସାଧନାକୁ ସମ୍ମାନ ଦେଉଥିବ। ଅଣଓଡ଼ିଆ କବଳରେ ଓଡ଼ିଆ ଭାଷା ଯେତେବେଳେ ତଳିତଳାନ୍ତ ହୋଇଯିବାକୁ ବସିଥାଏ, ସେତେବେଳେ ଭାଷାର ମର୍ଯ୍ୟାଦା ବଜାୟ ରଖିବା ଦିଗରେ ଭାଷାପ୍ରେମୀ ସାରସ୍ୱତ ସାଧକ କବିଶେଖର ଚିନ୍ତାମଣିଙ୍କ ଭୂମିକା ଅତୁଳନୀୟ ଥିଲା ବୋଲି ୧୫୯ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ସମାରୋହକୁ ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ପବିତ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଅକଥନୀୟ ବେଦନା ଭିତରେ ବି କବିଶେଖର ମହାନ୍ତି ସାହିତ୍ୟ ସାଧନା କରି କାବ୍ୟ ସାହିତ୍ୟକୁ ୪୮ ଖଣ୍ଡ କାବ୍ୟ, କଥା ସାହିତ୍ୟକୁ ୫ଟି ଉପନ୍ୟାସ, ୩ଟି ଦୀର୍ଘ ଗଳ୍ପ ଓ ଜୀବନ ସାହିତ୍ୟକୁ ଅନବଦ୍ୟ ଆତ୍ମଜୀବନୀ ଗ୍ରନ୍ଥ ଦେଇଯାଇଛନ୍ତି। ଅନ୍ୟତମ ବକ୍ତା ଭାବେ ଗବେଷକ ଶିକ୍ଷାବିତ୍ କୃପାସିନ୍ଧୁ ନାୟକ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଦତ୍ତାତ୍ରେୟ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂଜ୍ୟପୂଜା ସଂସଦର ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ସହସମ୍ପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବ ଲେଖକ ସଂଗ୍ରାମ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ନାୟକ, ଗୋବର୍ଦ୍ଧନ ସାମଲ, ସୁଧାକର ରାଉତ, ପୁରୁଷୋତ୍ତମ ନାଥ, ଦମୟନ୍ତୀ ନାଥ, କୈଳାସ ମହାପାତ୍ର, ପଦ୍ମନ ରାୟ, ମନୋଜ ସ୍ୱାଇଁ, ମନୋରମା ରାୟ, ବାବୁଲାଲ ଦାସ, ରମେଶ ଦାସଙ୍କ ସହ ଛାତ୍ରୀଛାତ୍ର ସମାରୋହରେ ଯୋଗ ଦେଇଥିଲେ।

# ଶତାୟୁ କାଳୀଦେବୀଙ୍କୁ 'ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନ'

**ଭଦ୍ରକ,୧୭।୩(ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଗୟାଧର ପଣ୍ଡାଙ୍କ ମା' ଶତାୟୁ ରକ୍ମିଣୀ ଦେବୀଙ୍କ କର୍ମମୟ ଜୀବନର ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ରକ୍ମିଣୀ ଦେବୀ ସ୍ମୃତି ସଂସଦ ଆନୁକୂଲ୍ୟରେ ୨୦୨୧୦ାରୁ ପ୍ରତିବର୍ଷ ଜଣେ ଶତାୟୁ ମହିଳାଙ୍କୁ ରକ୍ମିଣୀ ଦେବୀ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଆସୁଛି। ଚଳିତବର୍ଷ ଭଦ୍ରକ ବଙ୍କବାସୁଳୀ ମନ୍ଦିରର ବର୍ଷୀୟାନ ପୂଜକ କରୁଣାକର ପାଣିଙ୍କ ସ୍ତ୍ରୀ ଆଧ୍ୟାତ୍ମିକବାଦୀ ମହିଳା କାଳୀଦେବୀ(୧୧୩)ଙ୍କୁ ମଙ୍ଗଳବାର ତାଙ୍କ ବାସଭବନରେ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଶିକ୍ଷାବିତ୍ ଗୟାଧରଙ୍କ ପ୍ରୟାସରେ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଡ. ଗୋଲକ ବିହାରୀ ସାହୁ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଫେକରର ଅବସରପ୍ରାପ୍ତ ଆକାଉଣ୍ଟାଣ୍ଟ ଅଫିସର ନାରାୟଣ ଚନ୍ଦ୍ର ପାଢ଼ୀ, ଅସୁରାଳି ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ରବୀନ୍ଦ୍ର ଜେନା, ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ଅଧିବକ୍ତା ଆଦିତ୍ୟ ନାୟକ, ପଣ୍ଡିତ ଡ. ଶୈଳେନ୍ଦ୍ର ନାରାୟଣ ପାଢ଼ୀ, ପ୍ରଶାନ୍ତ ଦେ, ମୁକ୍ତିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ସାହୁ, ସ୍ମୃତି ସଂସଦ ସଭାପତି ବାସୁଦେବ ବାରିକ, ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା, ପରିବାରର ଲକ୍ଷ୍ମୀଧର ପାଣି ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।


ଶତାୟୁ କାଳୀଦେବୀଙ୍କୁ ତାଙ୍କ ବାସଭବନରେ ସମ୍ମାନିତ କରାଯାଉଛି।

# ସହର ଭିତରକୁ ଟ୍ରାକ୍ଟର ଚଳାଚଳ ଉପରେ ରୋକ୍

**ଭଦ୍ରକ,୧୭।୩(ସନାତନ ରାଉତ)**

ଭଦ୍ରକ ଏସ୍‌ପି ମନୋଜ ରାଉତ ଭଦ୍ରକ ସହର ଭିତରକୁ ଟ୍ରାକ୍ଟର ଚଳାଚଳ ଉପରେ ରୋକ୍ ଲଗାଇଛନ୍ତି। ସହର ଭିତରେ ଧାନ, ମାଟି, ବାଲି ବୋଝେଇ ଟ୍ରାକ୍ଟର ଚଳାଚଳ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଗତ ରବିବାର ଭଦ୍ରକ ସହର ବନ୍ତଛକ ସତ୍‌ସଙ୍ଗ ମନ୍ଦିର ନିକଟରେ ଟ୍ରାକ୍ଟର ଚାପାରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିଲା। କେବଳ ଦୁର୍ଘଟଣା ନୁହେଁ, ବିଭିନ୍ନ ସମୟରେ ସହର ଭିତରେ ଟ୍ରାକ୍ଟର ଚଳାଚଳ ଯୋଗୁ ଟ୍ରାଫିକ୍ ଜାମ୍ ହେଉଛି। ଏସବୁକୁ ଦୃଷ୍ଟିରେ ରଖି ଏସ୍‌ପି ସହର ଭିତରେ ଟ୍ରାକ୍ଟର ଚଳାଚଳ ଉପରେ ମଙ୍ଗଳବାର ରୋକ୍ ଲଗାଇଛନ୍ତି। ଏବେ ସହର ଭିତରେ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଟ୍ରାକ୍ଟର ଚଳାଚଳ କରିପାରିବ ନାହିଁ ବୋଲି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

# 'ଶ୍ରଦ୍ଧାର ସହ ସେବା କରିବା ଉଚିତ'



ସଭାରେ ଉପସ୍ଥିତ ଅତିଥିମାନେ।

**ଧୁଷୁରୀ,୧୭।୩(ଦୀପ୍ତିରଞ୍ଜନ ନାୟକ)**

ଧାମନଗର ବ୍ଲକ ପାଳସାହିସ୍ଥିତ ବାବାମଣି ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାରେ ୭ ଦିନିଆ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ସେବାନିବୃତ୍ତ ସେନା ଅଧିକାରୀ କାଶୀନାଥ ମହାନ୍ତି, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନୀହାର ରଞ୍ଜନ କର, ଅନୁଷ୍ଠାନର ଅଧ୍ୟାପକ ପ୍ରଶାନ୍ତ ନାୟକ, କେଶବକର ପଣ୍ଡା, ଧୁଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରାର୍ଥୀମାନେ ଶ୍ରଦ୍ଧାର ସହ ସେବାକାର୍ଯ୍ୟ ସମ୍ପାଦନ କରିବା ଉଚିତ ବୋଲି ସଭାରେ ମତପ୍ରକାଶ ପାଇଥିଲା। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଶିବିରରେ ଉପସ୍ଥିତ ଥିଲେ। ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଦୀପାଲା ଉଦ୍‌ଯାପିତ

**ଧାମନଗର,୧୭।୩ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକର ପଳିକିରିସ୍ଥିତ ମେଲଣଡିହ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କ ପୀଠରେ ୫ ଦିନ ଧରି ଚାଲିଥିବା ବାଦୀପାଲା ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ ତାରିଖରେ ତିନିଦିନ ବ୍ୟାପୀ ଚାଲିଥିବା ଶ୍ରୀ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତି ଦିନ ଅଧିବାସ ପାଲା ଆରମ୍ଭ ହୋଇ ଜଗତସିଂହପୁର ଅଞ୍ଚଳର ଗାୟକ ପ୍ରବୀର ସନାତନ ଦାଶ ଓ ବଡ଼ମ୍ବା ନରସିଂପୁରର ଗାୟକ ଜ୍ଞାନଜ୍ୟୋତି ଶରତ କୁମାର ଦଳେଇଙ୍କ ମଧ୍ୟରେ ବାଦୀପାଲା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକର୍ତ୍ତା ସୁଦର୍ଶନ ପାତ୍ର, ତନ୍ମୟ ପ୍ରଧାନ, ଫକୀର ସେନାପତି, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ମହାପାତ୍ର, ବିଷ୍ଣୁମୋହନ ଦାଶ, ସୁଦର୍ଶନ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷାନୁଷ୍ଠାନ ମଣିଷ ତିଆରି କାରଖାନା


ପଦ୍ମାବତୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ବିଦାୟୀ କର୍ମଚାରୀ ମୁରଲୀଧର ସାମଲଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଦ୍ରକ,୧୭।୩ (ରବିନାରାୟଣ ଖିଲାର/ସନାତନ ରାଉତ)**

ଶିକ୍ଷାନୁଷ୍ଠାନ ଏକ ମଣିଷ ତିଆରି କାରଖାନା। ସେଠାରେ ଆଗାମୀ କାଲିର ଆଶା ଭରସାର ପ୍ରତୀକ ସୁନାଗରିକମାନେ ତିଆରି ହୁଅନ୍ତି। ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ସହ ଛାତ୍ର-ଶିକ୍ଷକ ସମ୍ପର୍କ ଅତୁଟ ରହିଥାଏ। ମଙ୍ଗଳବାର ଭଦ୍ରକ ବ୍ଲକ ଏରଡାର ପଦ୍ମାବତୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ସାହିତ୍ୟିକ ପବିତ୍ର ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଅଧ୍ୟାପକ ସୁଧୀର ମୁଦୁଲି ଏହି ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଭଗବାନ ନାୟକ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ, ସରପଞ୍ଚ ସରସ୍ୱତୀ ସାହୁ, ସମିତିସଭ୍ୟା ପୁଷ୍ପାରାଣୀ ବଳ, ପୁରାତନ ଛାତ୍ରସଂସଦ ସଭାପତି ତ୍ରିଦେବ ନାୟକ, ପରିଚାଳନା କମିଟି ସଭାପତି ଶମ୍ଭୁନାଥ ସାହୁ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃତ୍ତିବାସ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଦାୟୀ କର୍ମଚାରୀ ମୁରଲୀଧର ସାମଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରାମର ପ୍ରମୁଖ ଦିବଂଗତ ବ୍ୟକ୍ତିଙ୍କ ସ୍ମୃତିରେ ଅର୍ଥ ପୁରସ୍କାର ସହ ସ୍ମାରକୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନ୍ତର୍ଯ୍ୟାମୀ ନାୟକ, ଅଜୟ କୁମାର ସେଠୀ, ମଧୁସ୍ମିତା ନାୟକ, ପ୍ରମିଳା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାରୁଣୀ ମେଳାରେ ଗଙ୍ଗାମାତାଙ୍କ ପୂଜା

## ବୁଡ଼ ପକାଇ ମା'ଙ୍କ ଦର୍ଶନକଲେ ଶ୍ରଦ୍ଧାଳୁ

**ତିହିଡ଼ି,୧୭।୩(ସଞ୍ଜିତ ବଳ)**

ବାରୁଣୀ ମେଳା ଅବସରରେ ତିହିଡ଼ି ଗ୍ରାମରେ ଗଙ୍ଗାମାତାଙ୍କ ପୂଜା ରୀତିନୀତି ଅନୁଯାୟୀ ଚାଲିଛି। ସୋମବାର କଳସ ବୁଡ଼ାଯିବା ପରେ ମଙ୍ଗଳବାରଠାରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ବହୁ ଶ୍ରଦ୍ଧାଳୁ ବାରୁଣୀ ପୋଖରୀରେ ବୁଡ଼ ପକାଇବା ସହ ମା'ଙ୍କ ଦର୍ଶନ କରିଛନ୍ତି। ଏହି ମେଳା ୫ଦିନ ହେବାକୁ ଥିବାବେଳେ ପ୍ରତିଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ଅନୁଷ୍ଠିତ ହେବ।

୧୯୭୧ରେ ହରିପୁର ଗ୍ରାମର ସ୍ୱର୍ଗତ ଗୋଲକ ପ୍ରସାଦ ଜେନା ତିହିଡ଼ି ଗ୍ରାମ ଶେଷ ଭାଗରେ ଥିବା ପୋଖରୀ କୂଳରେ ଏହି ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଗ୍ରାମବାସୀଙ୍କ ସହଯୋଗରେ ବେଶ୍ ଯାକଯମକର ସହ ବାରୁଣୀ ମେଳା ଓ ଗଙ୍ଗାମାତାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଗୋଲକଙ୍କ ଡାକ ନାଁ କେଳା ହୋଇଥିବାରୁ ଅଧିକାଂଶ ଲୋକ ଏହାକୁ କେଳା ବାରୁଣୀ ବୋଲି କହିବା ସହ ପୋଖରୀକୁ ବାରୁଣୀ ପୋଖରୀ କହିଥାନ୍ତି। ଚଳିତବର୍ଷ କର୍ତ୍ତା ଭାବେ ସର୍ବେଶ୍ୱର ନାୟକ, ପୂଜକ ଭାବେ ଶୁକଦେବ ଦାସ ଓ ରଘୁନାଥ ଦାସ ପୂଜା କାର୍ଯ୍ୟ ତୁଲାଉଛନ୍ତି। ମେଳା କମିଟିର ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ ବିଷ୍ଣୁଚନ୍ଦ୍ର ଦାସ, ସଦସ୍ୟ ପାର୍ଥସାରଥୀ ଦାସ, ବାପୁଜୀ ନାୟକ, ମନୋରଞ୍ଜନ ବେହେରା, ବିଜୟ ସାହୁ, ଟିକିନା ଜେନା, ହରିହର ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।


ବାରୁଣୀ ମେଳାରେ ପୂଜା ପାଉଥିବା ମା' ଗଙ୍ଗାମାତା।

# ରାସ୍ତା ଜାମ୍ | ୪ ଘଣ୍ଟା ଫସିରହିଲା ଆମ୍ବୁଲାନ୍ସ

ଯୋଡ଼ା,୧୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ କାଳିମାଟି– ନୟାଗଡ଼ ରାସ୍ତାରେ ମଙ୍ଗଳବାର ସକାଳୁ ରାସ୍ତା ଜାମ୍ ଯୋଗୁ ୪ ଘଣ୍ଟା ଧରି ଏକ ଆମ୍ବୁଲାନ୍ସ ଫସି ରହିବା ସହିତ ଯାତାୟାତ ଠପ୍ ହୋଇ ଯାଇଥିଲା। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗ ଅନୁଯାୟୀ, ଦବୁନାଠାରେ ଥିବା କାରଖାନାକୁ ବହୁ ସଂଖ୍ୟାରେ ବିଭିନ୍ନ ଖଣିରୁ ଟ୍ରକ୍ ଦ୍ୱାରା ଖଣିଜ ପରିବହନ ହେଉଛି। ସଂପୃକ୍ତ କାରଖାନା ପକ୍ଷରୁ ଟ୍ରକ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ୪/୫ ଲାଇନରେ ଟ୍ରକ ଗୁଡ଼ିକ ଠିଆ ହୋଇ ରହୁଛି। ଯାହାଫଳରେ ଟ୍ରାଫିକ ସମସ୍ୟା ଉପୁଜି ଘଣ୍ଟା ଘଣ୍ଟା ଧରି ଛୋଟ ଯାନବାହାନ, ସ୍କୁଲ ବସ, ଅଟୋ, ବାଇକ୍ ଆରୋହୀ ଫସି ରହୁଛନ୍ତି। ମଙ୍ଗଳବାର ଦବୁନାରୁ ଯୋଡ଼ାକୁ ରୋଗୀ ନେଇ ଆସୁଥିବା ଏକ ଆମ୍ବୁଲାନ୍ସ ନୟାଗଡ଼ର ହାତୀମରା ଛକ ନିକଟରେ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଫସି ରହିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି ଯେ, କାରଖାନା କର୍ତ୍ତୃପକ୍ଷ ରାସ୍ତା ନିର୍ମାଣ ଓ ପାର୍କିଂ ବ୍ୟବସ୍ଥା ନ କରି ବେପରୁଆ ଭାବେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟ୍ରକ୍ ଦ୍ୱାରା ଖଣିଜ ପରିବହନ କରୁଛି। ବାମେବାରିଠାରୁ କାଳିମାଟି ଏବଂ କାଳିମାଟିଠାରୁ ନୟାଗଡ଼ ଓ ଦବୁନା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡ଼ିବା ସହିତ ସବୁବେଳେ ରାସ୍ତା ଜାମ୍ ରହୁଛି। ଖଣିଜ ବୋଝେଇ ଟ୍ରକ୍ ଚଳାଚଳ ସମୟରେ କାରଖାନା ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉନାହିଁ। ରାସ୍ତା ଜାମ୍ ସମୟରେ ଲୋକେ ଏଠାରେ ଯାତାୟାତ କରି ପାରୁନାହାଁନ୍ତି। ଏଥିପାଇଁ ପ୍ରତିଦିନ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେବା ସହିତ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଏ ନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଠାରେ ବ୍ୟବସାୟ କରି ସଂପୃକ୍ତ କାରଖାନା ମାଲିକମାନେ କୋଟି କୋଟି ଟଙ୍କା ମୁନାଫା କମାଉ ଥିଲେ ହେଁ ଖଣି ଅଞ୍ଚଳର ଗମନାଗମନର ବିକାଶ ପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଅନ୍ୟପକ୍ଷରେ ସରକାର ଖଣିରୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ରାଜସ୍ୱ ପାଉଥିଲେ ହେଁ ଅଞ୍ଚଳର ବିକାଶ ପ୍ରତି କୌଣସି ଯୋଜନା ପ୍ରସ୍ତୁତ କରୁନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ରାସ୍ତା ଜାମ୍ ଯୋଗୁ ଅଟକି ରହିଥିବା ଆମ୍ବୁଲାନ୍ସ।

## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

ଯୋଡ଼ା,୧୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବିହାର ରାଜ୍ୟ ସିୱାନ ଜିଲା ହୁସେଇଗଞ୍ଜ ଥାନା ଅଧୀନ ହାରହଂସ ଗ୍ରାମର ଲାଡେନ୍ ଖାନ ଓରଫ ଏମଡି ଲାଡେନ୍।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଲାଡେନ୍ ୪ ବର୍ଷ ହେଲା ଯୋଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଟାୟାର ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାର୍ଯ୍ୟ କରୁଥିଲେ। ଏହି ଗ୍ୟାରେଜର ଅପରପାର୍ଶ୍ୱରେ ଏକ ମିଠା ଦୋକାନ ଅଛି। ଏହି ମିଠା ଦୋକାନକୁ ଅଭିଯୁକ୍ତ ଅନେକ ସମୟରେ ଯାଆନ୍ତି। ତେବେ ଗତ ୧୬ ତାରିଖ ଅପରାହ୍ନରେ ମା' ବାପାଙ୍କ ଅନୁପସ୍ଥିତିରେ ଉକ୍ତ ମିଠା ଦୋକାନରେ ଏକୁଟିଆ ଥିବା ନାବାଳିକାଙ୍କୁ ସେ ବଳ ପୂର୍ବକ ବଳାତ୍କାର କରିଥିଲ। ଏହି ସମୟରେ ଦୋକାନକୁ ଅନ୍ୟ ଗ୍ରାହକମାନେ ଆସିବାରୁ ଅଭିଯୁକ୍ତ ଲାଡେନ୍ ନାବାଳିକାଙ୍କୁ ଏ ସମ୍ପର୍କରେ କିଛି ଜଣାଇଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦେଇ ସେଠାରୁ ପଳାଇ ଯାଇଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ତାଙ୍କ ମାତାପିତାଙ୍କୁ ଘଟଣା ସମ୍ପର୍କରେ ଜଣାଇବାକୁ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୧୧୨/୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଇଆଇସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଆକାଶିଆ କାଠ ଜବତ

ପାଟଣା,୧୭।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅନ୍ତର୍ଗତ ଗୋବରାବେଡା ଗ୍ରାମ୍ୟ ଜଙ୍ଗଲରୁ ବେଆଇନ ଭାବେ କଟା ହେଇଥିବା ଆକାଶିଆ କାଠକୁ ମଙ୍ଗଳବାର ବନ ବିଭାଗ ଜବତ କରି କାଠ ଡିପୋଜିମା ଦେଇଛି। କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି। ଏହି ଚଢ଼ାଉରେ ପାଟଣା ବନପାଳ ନିରଞ୍ଜନ ସେଠୀ, ପାଟଣା ଏବଂ ମଲ୍ଲିପୋଷି ବିଟ ଦାୟିତ୍ୱରେ ଥିବା ବନପାଳ ଚିତ୍ତରଞ୍ଜନ ପରିଡା ଏବଂ ସ୍କ୍ୱାଡ୍ ସାମିଲ ଥିଲେ। ଜବତ କାଠକୁ ପୁରୁଳିଆରେ ନୂତନ ଭାବେ ଆରମ୍ଭ ହୋଇଥିବା କାଠ ଡିପୋରେ ଜିମା ଦିଆଯାଇଛି।

### ପିଲା ଚୋରି ଉଦ୍ୟମ: ପୋଲିସ ଜିମା ଦେଲେ ଗ୍ରାମବାସୀ

ଆନନ୍ଦପୁର, ୧୭।୩(ସୁଶାନ୍ତ କୁମାର ସାହୁ )

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ କଣ୍ଟିପାଳ କଲୋନୀ ସାହି ନିକଟରେ ଜଣେ ମହିଳା ପିଲା ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଛନ୍ତି। ଲୋକେ ତାଙ୍କୁ ପଚରଉଚୁରା କରି ପୋଲିସ ଜିମା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଏକ ଅଚିହ୍ନା ମହିଳା କଣ୍ଟିପାଳ କଲୋନୀ ସାହି ନିକଟରେ ଏକ ୩ ବର୍ଷର ଛୁଆକୁ ସାଙ୍ଗରେ ନେଇଯାଉଥିବା ବେଳେ ସ୍ଥାନୀୟ ଲୋକେ ସନ୍ଦେହ କରି ମହିଳାଙ୍କୁ ଅଟକ ରଖି ପଚରାଉଚୁରା କରିବା ସହ ୧୧୨କୁ ଫୋନ କରି ଡାକିଥିଲେ। ଛୁଆଟି ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ମହିଳାଜଣଙ୍କ ପରିଚୟ ମିଳି ପାରିନି। ଏ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି।

### ସୁବେଦାର ଦେବରାଜ ମହାନ୍ତଙ୍କ ପରଲୋକ



ପାଟଣା,୧୭।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମର ଅବସରପ୍ରାପ୍ତ ସୁବେଦାର ଦେବରାଜ ମହାନ୍ତ(୪୯)ଙ୍କର ମଙ୍ଗଳବାର ସକାଳେ ଭୁବନେଶ୍ୱରର ଏକ ଘୋରଇ ହସ୍ପିଟାଲରେ ପରଲୋକ ଘଟିଛି। ମୃତଦେହ ପୈତୃକ ବାସଭବନରେ ପହଞ୍ଚିବା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଆତ୍ମୀୟ ସ୍ୱଜନ ମାନେ ତାଙ୍କ ଶେଷ ଦର୍ଶନ କରିବା ସହ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ, ପାଟଣା ସାହାରପଡାର ସଦସ୍ୟମାନେ ପହଞ୍ଚି ଶେଷ ସମ୍ମାନ ଜଣାଇଥିଲେ। ସଂଘ ପକ୍ଷରୁ ଜାତୀୟ ପତାକା ତାଙ୍କ ପାର୍ଥିବ ଶରୀର ଉପରେ ଅର୍ପଣ କରାଯାଇ ପୁଷ୍ପାଞ୍ଜଳି ଦିଆଯାଇଥିଲା। ସଂଘର ଉପସଭାପତି, ସମ୍ପାଦକ ସହ ଆସୋସିଏସନର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଘୂର୍ଣ୍ଣିଝଡ଼ରେ ଗୁରୁତରଙ୍କୁ ଡାକ୍ତରଖାନରେ ଭେଟିଲେ ଏମ୍‌ପି

କେନ୍ଦୁଝର, ୧୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳରେ ତାଣ୍ଡବ ରଚିଥିବା ଘୂର୍ଣ୍ଣିଝଡ଼ରେ ଗୁରୁତରମାନେ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ମଙ୍ଗଳବାର ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏମ୍‌ପି ନାୟକ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି। ଚିକିତ୍ସାଧୀନ ଥିବା ସମସ୍ତଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଡାକ୍ତରଙ୍କୁ କହିବା ସହ ସେମାନଙ୍କ ଶୀଘ୍ର ସୁସ୍ଥତା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହିଭଳି ପ୍ରାକୃତିକ ବିପଦରେ ପ୍ରଭାବିତ ସମସ୍ତ ପରିବାରଙ୍କ ସହ ଆମେ ଅଛୁ। ଏଣୁ ବ୍ୟସ୍ତ ନ ହୋଇ ତଥା ଭାଙ୍ଗି ନ ପଡ଼ି ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିବା ସହ ସରକାର ସର୍ବଦା ସବୁ ପରିସ୍ଥିତିରେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ସୋମବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କେନ୍ଦୁଝର ଗସ୍ତରେ ଆସି ଡାକ୍ତରଖାନାରେ ଚିକିତ୍ସାଧୀନମାନଙ୍କ ଆରୋଗ୍ୟ ସ୍ଥିତି ବିଷୟରେ ପଚାରି ବୁଝିଥିଲେ। ଏନେଇ ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକ କହିଛନ୍ତି, ମୋଟ ୧୦ଜଣ ଚିକିତ୍ସା ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ପଠାଯାଇଛି। ଅନ୍ୟ ୫ଜଣ ଏଠାରେ ଚିକିତ୍ସାଧୀନ ଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି।


ଏମ୍‌ପି ଅନନ୍ତ ନାୟକ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସାଧୀନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ପାଟଣା,୧୭।୩(ବୀର କିଶୋର ଦାଶ)

କେନ୍ଦୁଝର ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରମେଶ ସାହୁ (୭୫)ଙ୍କର ସୋମବାର ରାତିରେ ପରଲୋକ ଘଟିଛି। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ବଡ଼ପୁଅ କ୍ଷୀରୋଦ ସାହୁ ମୁଖାଗ୍ନି ଦେଇଥିଲେ।

## ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ରତ୍ନମୁଦ ସ୍ଥାପନ ଉତ୍ସବ

ଆନନ୍ଦପୁର, ୧୭।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ପିତୃବାରୁଣୀ ସ୍ନାନରେ ଟୁକୁଣା ଶାସନର ଅଧିଷ୍ଠାତା ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ନିର୍ମାଣାଧୀନ ନୂତନ ମନ୍ଦିରର ରତ୍ନମୁଦ ସ୍ଥାପନ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ପଣ୍ଡିତ ଅଜିତ କୁମାର ମିଶ୍ର ଓ ପଣ୍ଡିତ ସୁଜିତ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ। ଏଥିରେ ପଣ୍ଡିତ ଅଞ୍ଜନ ମିଶ୍ର ସହଯୋଗ କରିଥିଲେ। ପଦ୍ମଲୋଚନ ମିଶ୍ର ଓ ତାଙ୍କ ସ୍ତ୍ରୀ ଇତିଶ୍ରୀ ମିଶ୍ର କର୍ତ୍ତାକର୍ତ୍ତୀ ଭାବେ ସଂକଳ୍ପ ଗ୍ରହଣ କରିଥିଲେ। ପୂଜାର୍ଚ୍ଚନା ପରେ ମନ୍ଦିରର ରତ୍ନମୁଦ ସ୍ଥାପନ ହୋଇଥିଲା।

## ସାହିତ୍ୟ ଗବେଷଣା ପାଇଁ ସମ୍ବର୍ଦ୍ଧନା

ଚମ୍ପୁଆ,୧୭।୩(ମହେଶ୍ୱର ଦାସ): ସଞ୍ଜୀବନୀ ସାହିତ୍ୟ ସଂସଦ ଭାଣ୍ଡାର ସମ୍ପାଦକ ଡମ୍ବରୁଧର ମହାନ୍ତଙ୍କୁ ସାହିତ୍ୟ କ୍ଷେତ୍ରରେ ଗବେଷଣା ମୂଳକ କାର୍ଯ୍ୟ ପାଇଁ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେନ୍ଦୁଝର ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦୁଝର ନଗର ଭବନଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ମହାନ୍ତ କେନ୍ଦୁଝର ସାହିତ୍ୟ ସଂସ୍କୃତିର ସଂରକ୍ଷଣ, ଗବେଷଣା, ପାଣ୍ଡୁଲିପିର ସଂକଳନ ଓ ସମ୍ପାଦନା କ୍ଷେତ୍ରରେ କାର୍ଯ୍ୟଜାରି ରଖିଥିବା ବେଳେ ଜଣେ କବି ଓ ସୁ ଲେଖକ ଭାବେ ପରିଚିତ।

## ପାଲା ମାଧ୍ୟମରେ ବନ ସୁରକ୍ଷା ସଚେତନତା



ଢେଙ୍କିକୋଟ,୧୭।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ହରିଚନ୍ଦନପୁର ବ୍ଲକ ମନୋହରପୁର ଗ୍ରାମପଞ୍ଚାୟତ କାଳିମାଟି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପାଲା ମାଧ୍ୟମରେ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା କରିବା ପାଇଁ ଢେଙ୍କିକୋଟ ଫରେଷ୍ଟର ଅକ୍ଷୟ କୁମାର ମହାନ୍ତି ସଚେତନ କରାଇଛନ୍ତି। ଜଙ୍ଗଲରେ ନିଆଁ ନ ଲଗାଇବା, ଜଙ୍ଗଲରୁ ଗଛ ପତ୍ର ନ କାଟିବା, ଜୀବ ଜନ୍ତୁଙ୍କୁ ନ ମାରି ସୁରକ୍ଷା ଦେବା, ଜଙ୍ଗଲ ଜାତ ଦ୍ରବ୍ୟ ଆମଦାନୀ କରି ଗୁଜୁରାଣ ମେଣ୍ଟାଇବା ଆଦି ସମ୍ପର୍କରେ ବୁଝାଇଥିଲେ। ଫରେଷ୍ଟର ଅକ୍ଷୟ କୁମାର ମହାନ୍ତି ପାଲା ଗାୟକଙ୍କ ସହ ଦୀର୍ଘ ଦୁଇ ଘଣ୍ଟା ଧରି ପାଲା ପରିବେଷଣ କରି ଗ୍ରାମବାସୀଙ୍କୁ ବୁଝାଇଥିଲେ। ଫରଷ୍ଟର ଅକ୍ଷୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପାଲା ଗାୟକ ସୁଶୀଲ କୁମାର ମହାରଣା ଓ ସହଯୋଗୀଙ୍କ ସହ ଦୁଇ ଘଣ୍ଟା ଧରି ପାଲା ପରିବେଷଣ କରି ଗ୍ରାମବାସୀଙ୍କୁ ବୁଝାଇଥିଲେ। ଫରେଷ୍ଟ ଗାର୍ଡ ଶିବ ପ୍ରସାଦ ହାଁସଦା ଓ ପାରାଷ୍ଟାଫ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୃଷ୍ଟିହୀନ ସ୍କୁଲରେ ଖୋଲିଲା ସୁଗମ ବିଜ୍ଞାନ ପ୍ରୟୋଗଶାଳା

କେନ୍ଦୁଝର, ୧୭।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟରେ ସୋମବାର ଏକ ସୁଗମ ବିଜ୍ଞାନ ପ୍ରୟୋଗଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି. ଏହାକୁ ଉଦ୍‌ଘାଟନ କରି ଏହି ପ୍ରୟୋଗଶାଳା ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଉଚ୍ଚମାନର ବୈଜ୍ଞାନିକ ଜ୍ଞାନକୁ କେବଳ ସମୃଦ୍ଧ କରିବ ନାହିଁ, ବରଂ ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ମଧ୍ୟ ଦେବ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଉପସଚିବ ସନ୍ୟାସ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରୟୋଗଶାଳା ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଶିଖିବା ପାଇଁ ଅଧିକ ଆଗ୍ରହ ସୃଷ୍ଟି କରିବ ଏବଂ ମଣିଷର ଦୈନନ୍ଦିନ ଜୀବନରେ ବିଜ୍ଞାନର ଗୁରୁତ୍ୱ ଜାଣିବାରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ସ୍କୁଲର ଅଧ୍ୟକ୍ଷ ମନୋଜ ରଥ ଏହି ଅବସରରେ କହିଥିଲେ, ଏହି ଲ୍ୟାବ୍ ପ୍ରତିଷ୍ଠା ଦ୍ୱାରା ଛାତ୍ରୀଛାତ୍ର ବିଜ୍ଞାନରେ ବ୍ୟବହାରିକ ଜ୍ଞାନ ପାଇପାରିବେ ଏବଂ ଏହି ବିଷୟରେ ଅଧିକ ଦକ୍ଷତା ଅର୍ଜନ କରିପାରିବେ।

## ପାଣି ପଞ୍ଚାୟତ ଗଠନରେ ଅନିୟମିତତା ଅଭିଯୋଗ

### ଉପଜିଲାପାଳଙ୍କଠାରେ ଦ୍ୱାରସ୍ଥ ହେଲେ ଚାଷୀ

ବଞ୍ଚୋ, ୧୭।୩(ପ୍ରଦୋଷ କୁମାର ବିଶ୍ୱାଳ)

ଆନନ୍ଦପୁର କ୍ଷୁଦ୍ରଜଳସେଚନ ଅନ୍ତର୍ଗତ ପାଇକଚାଟ୍ରା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନେଇ ଗୁରୁତର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। ପାଣି ପଞ୍ଚାୟତ ଗଠନରେ ଅଣଚାଷୀମାନଙ୍କୁ ସମ୍ମିଳିତ କରାଯାଇଥିବା ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଏହି ପାଣି ପଞ୍ଚାୟତର କେତେଜଣ ସଦସ୍ୟ ନିଜେ ଚାଷୀ ନୁହନ୍ତି, ତଥାପି ସେମାନେ ନାବାର୍ଡ ମଞ୍ଜୁରୀପ୍ରାପ୍ତ ଟେଣ୍ଡର କାମରେ ଭାବେ ଜଡିତ ରହିଛନ୍ତି। ଏହାଦ୍ୱାରା ପ୍ରକଳ୍ପର ଅର୍ଥର ଅପବ୍ୟୟ ହେବା ସହ ଚାଷୀମାନେ ଯଥୋଚିତ ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ବେଆଇନ ଭାବେ ଗଠିତ ପାଣି ପଞ୍ଚାୟତକୁ ତୁରନ୍ତ ରଦ୍ଦ କରାଯାଇ ସ୍ଥାନୀୟ କୃଷକମାନଙ୍କ ସମ୍ମତିରେ ନୂତନ ପାଣିପଞ୍ଚାୟତ ଗଠନ କରାଯିବା ଲାଗି ଗୌରାଙ୍ଗ ବାରିକ, ବଟକୃଷ୍ଣ ରାଉତ, ଅନନ୍ତ ଚରଣ ରାଉତ, ପ୍ରତାପ ମାଝିଙ୍କ ସହ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଅଧିକାରୀ ଦେବେନ୍ଦ୍ର ଜରିଆ ଓ ଆନନ୍ଦପୁର ଉପଜିଲାପାଳ ନୀଳମାଧବ ସୁନାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଉପଜିଲାପାଳଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଚାଷୀ।

## ମା' ଚଣ୍ଡୀମନ୍ଦିରର ଚତୁର୍ଥତମ ବାର୍ଷିକ ଉତ୍ସବ

ବଉଳା, ୧୭।୩(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ବଂଚୋ ପଞ୍ଚାୟତ ଶିବ ନାରାୟଣପୁର ଗ୍ରାମରେ ମଙ୍ଗଳବାର ମା' ଚଣ୍ଡି ମନ୍ଦିରର ଚତୁର୍ଥତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈତରଣୀ ନଦୀରୁ ପାଣି ଅଣାଯାଇ କଳସ ଶୋଭାଯାତ୍ରା କରାଯିବା ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଗ୍ରାମର ମହିଳାମାନଙ୍କର ଶଙ୍ଖ ହୁଳହୁଳିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କର୍ତ୍ତା ଭାବେ ପ୍ରଭାକର ଖଣ୍ଡା ଓ ତାଙ୍କ ସ୍ତ୍ରୀ ସୁଶୀଳା ପାଲ୍ ଦାୟିତ୍ୱ ତୁଲାଇ ଥିବା ଠବେଳେ ପଣ୍ଡିତ ପୁରୁଷୋତ୍ତମ ମିଶ୍ର ଓ ପାଗଳ ମିଶ୍ର ରୀତି ନୀତି ଅନୁଯାୟୀ ପୂଜାପାଠ କରିଥିଲେ। ଜ୍ୟୋତିଷ ପରେମେଶ୍ୱର ଆଚାର୍ଯ୍ୟ ଓ ବିଷ୍ଣୁ ଶତପଥି ଚଣ୍ଡିପାଠ କରିଥିଲେ। ୧୮ ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି କୁହାଯାଇଛି। ଏଥିରେ ବହୁ ମହିଳା ସାମିଲ ହୋଇ କଳସ ଆଣିଥିବାବେଳେ ଗ୍ରାମବାସୀ ଓ ଯୁବକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



## ଘୂର୍ଣ୍ଣିଝଡ଼ରେ ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

ପାଟଣା,୧୭।୩(ବୀର କିଶୋର ଦାଶ)

କରଞ୍ଜିଆ ଘୂର୍ଣ୍ଣିଝଡ଼ରେ ପ୍ରାଣ ହରାଇଥିବା କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ ହଳଦୀବଟା ଗ୍ରାମର ପୋଲିସ ନାଏକଙ୍କ (୫୪)ଙ୍କ ପରିବାର ଲୋକଙ୍କୁ ମଙ୍ଗଳବାର କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଭେଟି ସମବେଦନା ଜଣାଇଛନ୍ତି। ଏମ୍‌ପି ହଳଦୀବଟା ଗାଁକୁ ଯାଇ ପୋଲିସଙ୍କ ସ୍ତ୍ରୀ ପ୍ରତିମା ଦେଇ ଏବଂ ପୁଅ ରଞ୍ଜନ ଓ କୃଷ୍ଣଚନ୍ଦ୍ରଙ୍କୁ ଭେଟିଥିଲେ। ଏମ୍‌ପିଙ୍କ ସହ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ, ଏମପିଙ୍କ ସାହାରପଡା ବ୍ଲକ ପ୍ରତିନିଧି ସୁଦର୍ଶନ ମହାନ୍ତ, ସାହାରପଡା ଭାଜପା ମଣ୍ଡଳ ସଭାପତି ବୁଲୁ ବାରିକ, ଉଦୟପୁର ମଣ୍ଡଳ ସଭାପତି ନରହରି ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ପ୍ରଭାବିତ ପରିବାରକୁ ଖୁବ ଶୀଘ୍ର ଅନୁକମ୍ପା ରାଶି ୪ଲକ୍ଷ ଓ ପକ୍କା ଘର ଯୋଗାଇ ଦେବାକୁ ଏମପି ନାୟକ ପ୍ରତିଶୃତି ଦେଇଥିଲେ।

## ଉପଦ୍ରବ କଲା ଗୋଠଛଡ଼ା ଦନ୍ତା

ଚମ୍ପୁଆ,୧୭।୩(ମହେଶ୍ୱର ଦାସ)

ଚମ୍ପୁଆ ବନାଞ୍ଚଳରେ କେତେବେଳେ ହାତୀ ତ କେତେବେଳେ ବାରହା ଉପଦ୍ରବ ଲାଗି ରହିଥିବା ବେଳେ ଏକର ଏକର ଫସଲ ଉଜୁଡି ଯାଉଛି। ଗୋଠଛଡ଼ା ଏକ ହାତୀ ପାଇଁ ବନ ବିଭାଗ ନାକେଦମ ହୋଇପଡିଥିବା ବେଳେ ଝାଡଖଣ୍ଡରୁ ଏହି ଗୋଠ ଛଡ଼ା ହାତୀ ବୈତରଣୀ ନଦୀ ପାର୍ ହୋଇ ଗୋଧୂଳି ଗ୍ରାମରେ ମକା ଫସଲ ଉଜାଡିବା ସହିତ ଘର ଭାଙ୍ଗିଥିବା ଗ୍ରାମବାସୀ ଅଭିଯୋଗ କରଛନ୍ତି। ସୂଚନା ଅନୁଯାୟୀ, ଚମ୍ପୁଆ ଏନ୍‌ଏସି ଅଧୀନ ୧ନଂ. ୱାର୍ଡରେ ସୋମବାର ରାତିରେ ଏକ ଗୋଠ ଛଡା ଦନ୍ତା ହାତୀ ଉପଦ୍ରବ ଚଳାଇଥିଲା। ଏହି ରାତି ୧୨ଟା ସମୟରେ ଗ୍ରାମ ମଧ୍ୟକୁ ପ୍ରବେଶ କରି ପ୍ରଥମେ ହରିହର ନାଏକଙ୍କ ମକା ବାଡି ସହ କଦଳୀ ଗଛ ନଷ୍ଟ କରିବା ସହିତ ହିରଣ୍ୟ ନାଏକଙ୍କ ଦୋକାନ ଗୃହ ସଟରକୁ ଠେଲି ଭାଙ୍ଗି ଦେଇଥିଲା। ଖବର ପାଇ ଗ୍ରାମବାସୀ ନ ଏକାଠି ହୋଇ ହାତୀ ଘଉଡାଇବାକୁ ଲାଗିଥିଲେ ମଧ୍ୟ ହାତୀଟି ଗ୍ରାମ ମଝିରେ ଥିବା ଭ୍ରମରବର ନାଏକର କାନ୍ଥ ଭାଙ୍ଗି ଘର ଭିତରେ ଥିବା ଧାନ ଚାଉଳ ଖାଇ ନଷ୍ଟ କରିଥିଲା। ଏନେଇ ବିଭାଗୀୟ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ଲୋକଙ୍କର ଅଭିଯୋଗ ପାଇଲା ପରେ ପଦକ୍ଷେପ ଗ୍ରହଣ କରାଯାଇ ସରକାରୀ ନିୟମ ଅନୁଯାୟୀ ସହାୟତା ଦିଆଯିବ ବୋଲି କହିଛନ୍ତି।


ଆତଙ୍କ ଖେଳାଇ ଥିବା ହାତୀ।

**ବାରୁଣୀ ମେଳା**



ବଗ୍‌ଦା ବାରୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।



ବାହାନଗା ବ୍ଲକ ରୂପଖଣ୍ଡ ପଞ୍ଚୁପାଣ୍ଡବ ଘାଟ ବାରୁଣୀ ଯାତ୍ରା

## କଷାଫଳରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ବାଲେଶ୍ୱର,୧୭।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ସଦର ବ୍ଲକ ଅଧୀନ ପ୍ରସିଦ୍ଧ କଷାଫଳ ବାରୁଣୀ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେଇ ସମୁଦ୍ରରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଛନ୍ତି। ଏହି ମହାବାରୁଣୀ ସ୍ନାନରେ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସ୍ନାନ ପରେ ବେଳାଭୂମିରେ ପିଣ୍ଡ ପକାଇବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବେଳାଭୂମିରେ ଅବସ୍ଥିତ ଶ୍ରୀଜଗନ୍ନାଥ ଓ ସାରଙ୍ଗ ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଖୋଳ, ଝାଞ୍ଜର ତାଳେ ତାଳେ ସଂକୀର୍ତ୍ତନ ଦଳ ହରିନାମ, ସଂକୀର୍ତ୍ତନ କରି ମନ୍ଦିର ପରିକ୍ରମା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଉଠାଦୋକାନୀ ବେଳାଭୂମିରେ ପସରା ମେଲିଥିଲେ। ମହିଳାମାନେ ଖେଳଣା, ବିଞ୍ଚଣା, ଚଣା ଉଖୁଡ଼ା, ମଶିଣା, ପାଛିଆ, ଚଲାଚାଲୁଣି ଆଦି ଘରକରଣା ସାମଗ୍ରୀ କିଣୁଥିବା ପରିଲକ୍ଷିତ ହୋଇଥିଲା। ପ୍ରବଳ ଖରା ଓ ଗରମ ଯୋଗୁ ଦହିବରା, ଲସି, ଆଇସକ୍ରିମ ଓ ଥଣ୍ଡା ପାନୀୟ ଦୋକାନୀଙ୍କ ବେପାର ବେଶ ଜମିଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ଓ ମେଳା କମିଟି ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ସିଂଲା, ରୂପସା ଓ ବସ୍ତା ଥାନା ପକ୍ଷରୁ ବ୍ୟାପକ ପୋଲିସ ବାହିନୀ ମୁତୟନ କରାଯାଇଥିଲା। ସେହିପରି ସୋନ-ଗଙ୍ଗାହାର-ବୁଢ଼ାବଳଙ୍ଗ ୩ ନଦୀର ସଙ୍ଗମ ସ୍ଥଳ ତ୍ରିବେଣୀ, ବଗ୍‌ଦା, ଦୁବୁଲାଗଡ଼ି, ଚାନ୍ଦିପୁର ନିକଟସ୍ଥ ସମୁଦ୍ର ବେଳାଭୂମିରେ ଶ୍ରଦ୍ଧାଳୁମାନେ ବାରୁଣୀ ସ୍ନାନ କରି ପୁଣ୍ୟ ଅର୍ଜନ କରିଥିଲେ।



ଡଗରା ବେଳାଭୂମିରେ ବୁଡ଼ ପକାଇବା ଲାଗି ଶ୍ରଦ୍ଧାଳଙ୍କ ଭିଡ।

## ମହୋଦଧିରେ ବୁଡ଼ ପକାଇଲେ ୨ଲକ୍ଷ ଶ୍ରଦ୍ଧାଳୁ

**ବାଲିଆପାଳ, ୧୭।୩**
**(ରାଜଶ୍ରୀ ପାଣିଗ୍ରାହୀ/ଗୋପାଳ ଚନ୍ଦ୍ର ସାହୁ)**

ମହାବାରୁଣୀ ସ୍ନାନ ଅବସରରେ ମଙ୍ଗଳବାର ବାଲିଆପାଳ ବ୍ଲକରେ ଥିବା ଡଗରା, ଚଉମୁଖ ଓ ଯମୁନାଶୂଳ ବେଳାଭୂମିରେ ପ୍ରାୟ ୨ଲକ୍ଷ ଶ୍ରଦ୍ଧାଳୁ ମହୋଦଧିରେ ବୁଡ଼ ପକାଇଛନ୍ତି। ସୋମବାର ସନ୍ଧ୍ୟାରୁ କାଳବୈଶାଖୀ ବର୍ଷା ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଲାଗିରହିଥିଲା। ତେଣୁ ଭୋରରୁ ଶ୍ରଦ୍ଧାଳୁମାନଙ୍କର ଭିଡ କମ ପରିଲକ୍ଷିତ ହେଉଥିବା ବେଳେ ସକାଳେ ବର୍ଷା କମିବା ମାତ୍ରେ ବେଳାଭୂମିଗୁଡିକ ଜନଅରଣ୍ୟ ପାଲଟିଥିଲା। କାଳିପଦା ରାସ୍ତାଠାରୁ ବେଳାଭୂମି ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ହୋଇଥିଲା। ବେଳାଭୂମିମାନଙ୍କରେ ଉଠା ଦୋକାନୀଙ୍କ ପସରା, ମୋବାଇଲ ସେଲ୍‌ଫି ଏବଂ ଚଟ୍‌ପଟି ଖାଦ୍ୟର ମଜା ଲୋକେ ନେଇଥିଲେ। ବାଲିଆପାଳ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଚଉମୁଖଠାରେ ଏହି ବାରୁଣୀ ମେଳା ୩ଦିନ ଧରି ଅନୁଷ୍ଠିତ ହେବ। ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ଡଗରା ବେଳାଭୂମି ଉନ୍ନୟନ କମିଟି ଏବଂ ଡଗରାସ୍ଥିତ ମଦର ଟେରେସା ସେବା ସଂଘ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା।

## ପାଣ୍ଡବ ଘାଟରେ ବାରୁଣୀ ସ୍ନାନ ଯାତ୍ରା

**ବାହାନଗା, ୧୭।୩**
**(ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲାର ପ୍ରମୁଖ ବାରୁଣୀ ଯାତ୍ରା ବାହାନଗା ବ୍ଲକ ରୂପଖଣ୍ଡ ପଞ୍ଚୁପାଣ୍ଡବ ଘାଟ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଦେଢଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇଲେ। ଏହି ଦୁଇଦିନ ଧରି ଚାଲିବ। ଏହି ଅବସରରେ ପାଣ୍ଡବଘାଟ ବାରୁଣୀଯାତ୍ରା ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥିଲା। ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ଓ ଭଦ୍ରକ ଜିଲାରୁ ମଧ୍ୟ ଏହି ରୂପଖଣ୍ଡ ପାଣ୍ଡବଘାଟ ବାରୁଣୀ ଯାତ୍ରାକୁ ଶ୍ରଦ୍ଧାଳୁମାନେ ପିଣ୍ଡଦାନ କରିବା ପାଇଁ ଆସିଥିଲେ। ଏହି ଅବସରରେ ବାରୁଣୀ ଯାତ୍ରା ନିକଟରେ ପଞ୍ଚପାଣ୍ଡବ ୫ ଭାଇଙ୍କ ମନ୍ଦିର ନିର୍ମାଣ କରାଯାଇ ପୂଜା କରାଯିବା ସହିତ ମନ୍ଦିର ସାମ୍ନାରେ ବିଶ୍ୱଶାନ୍ତି ନିମନ୍ତେ ଚଳିତବର୍ଷ ଯଜ୍ଞ କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୋପାଳପୁର ଥାନା ପୋଲିସ ସମେତ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଭୋର ୪ଟାରୁ ପାଣ୍ଡବଘାଟ ଯାତ୍ରାସ୍ଥଳରେ ପହଞ୍ଚି ସମୁଦ୍ର ମହୋଦଧିରେ ବୁଡ ପକାଇ ସମୁଦ୍ର ବାଲିରେ ବ୍ରାହ୍ମଣମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ ପିଣ୍ଡଦାନ କରିଥିଲେ। ମାତ୍ର ଭୋର ସମୟରେ ବର୍ଷା ଓ ପବନ ହେବା ଯୋଗୁ ଶ୍ରଦ୍ଧାଳୁମାନେ କିଛି ସମୟ ହଇରାଣ ହୋଇଥିଲେ। ବାରୁଣୀ ୨ ଦିନ କରାଯାଉଛି। ବୁଧବାର କେବଳ ମେଳା ବସିବ। ସୁରକ୍ଷା ନିମନ୍ତେ ପୋଲିସ୍ ମୁତୟନ ହୋଇ ଥିବା ବେଳେ କମିଟି ପକ୍ଷରୁ ୧୦୦ଜଣ ସ୍ୱେଚ୍ଛାସେବକ ନିୟୋଜିତ କରାଯାଇଥିଲା। ସେହିପରି କଲ୍ୟାଣୀ ପଞ୍ଚାୟତର ଭିଲ୍ଲା ଅଡିଆ, ଖରାସାହାପୁର ପଞ୍ଚାୟତର ଉପରଆଡିଆ ମାଟିଆ ମଙ୍ଗଳା ବାରୁଣୀ ଯାତ୍ରା ହୋଇଥିଲା।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ଜଳେଶ୍ୱର,୧୭।୩(ନବୀନ ସାହୁ)**

ଜଳେଶ୍ୱର ଥାନା ଗୋବରଘଟା ପଞ୍ଚାୟତ ବୈରାଆଡି ଗ୍ରାମରେ ଥିବା ମା' ମଙ୍ଗଳା ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି। ଚୋରି ଗହଣା ଆନୁମାନିକ ୪ ଲକ୍ଷ ଟଙ୍କାର ହୋଇଥିବା ବେଳେ ଦାନ ବାକ୍ସ ଭାଙ୍ଗି ନଗଦ ଟଙ୍କା ଚୋରି ହୋଇଛି। ମଙ୍ଗଳବାର ସକାଳେ ଗ୍ରାମବାସୀ ମନ୍ଦିରର ଗେଟ ଭଙ୍ଗାଯାଇଥିବା ଦେଖି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ଗ୍ରାମବାସୀ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

## ସହରର ଓଟି ରୋଡ ପାଲଟିଛି ପାର୍କିଂ ସ୍ଥଳ

**ବାଲେଶ୍ୱର,୧୭।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହରର ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୯କୋଟି ୭୧ଲକ୍ଷ ଟଙ୍କା ବ୍ୟୟ କରଯାଇ ନୂତନ ମଡେଲ ବସ୍‌ଷ୍ଟାଣ୍ଡରେ ରୂପାନ୍ତରିତ କରାଯାଇଛି। ହେଲେ ଏହି ବସ୍‌ଷ୍ଟାଣ୍ଡରେ ଅଧିକାଂଶ ଘରୋଇ ବସ୍ ମାଲିକ ବସ ଛିଡା କରାଇବା ପରିବର୍ତ୍ତେ ଷ୍ଟେଶନ ଛକରୁ ପୋଲିସ ଲାଇନ ଛକ ପର୍ଯ୍ୟନ୍ତ ଓଟି ରୋଡର ଉଭୟ ପାର୍ଶ୍ୱ ରାସ୍ତାରେ ଦିବାରାତ୍ର ବସ୍ ଛିଡା କରାଉଛନ୍ତି। ଅଢେଇ ବର୍ଷ ତଳେ ବାଲେଶ୍ୱର ସହରର ଷ୍ଟେଶନ ଛକଠାରୁ ତାମୁଲିଆ ବ୍ରିଜ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କରିବା ପୂର୍ବରୁ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ପଥ ବିକ୍ରେତାଙ୍କୁ ଉଚ୍ଛେଦ କରାଯାଇଥିଲା। ରାସ୍ତା ନିର୍ମାଣ ପରେ ଆଉ ପଥ ବିକ୍ରେତାଙ୍କୁ ରାସ୍ତା ଉପରେ ବସି ବ୍ୟବସାୟ କରିବାକୁ ପୌରପାଳିକା ପକ୍ଷରୁ ଦିଆଗଲାନାହିଁ। ହେଲେ ପରବର୍ତ୍ତୀ ସମୟରେ ଏହି ରାସ୍ତା ପାର୍ଶ୍ୱରେ ବସ୍ ଓ ଟ୍ରକ ଦିନରାତି ଛିଡା ହେଉ ଥିଲେ ବି ପୌରପାଳିକା, ପରିବହନ ବିଭାଗ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଶ୍ୟାମଳେନ୍ଦୁ ରାଉତ କହିଛନ୍ତି, ରାସ୍ତା ଉପରେ ଛିଡା ହେଉଥିବା ବସ ଓ ଟ୍ରକ ମାଲିକଙ୍କ ବିରୋଧରେ ନିଶ୍ଚିତ ପଦକ୍ଷେପ ନିଆଯିବ। ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତି କହିଛନ୍ତି, ନୂଆ ନିର୍ମାଣ ହେଇଥିବା ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରେ ସବୁ ବସ୍ ଛିଡା କରାଇବା ପାଇଁ ସ୍ଥାନ ଅଭାବ ରହୁଛି। ସେଥିପାଇଁ ସେମାନେ ରାସ୍ତା ପାର୍ଶ୍ୱରେ ବସ ଛିଡା କରାଉଛନ୍ତି। ଗଣେଶ୍ୱରପୁରଠାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଯିବା ପରେ ରାସ୍ତାରେ ଆଉ ବସ ଛିଡା କରାଇବାକୁ ଦିଆଯିବ ନାହିଁ ବୋଲି ଅଧିକାରିଣୀ ମହାନ୍ତି କହିଛନ୍ତି।

## 'ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସାମ୍ପ୍ରତିକ ପ୍ରବୃତ୍ତି'

**ଏଫ୍‌ଏମ୍‌ୟୁରେ ରସାୟନ ବିଜ୍ଞାନ ବିଭାଗର ଆନ୍ତର୍ଜାତୀୟ ସମ୍ମିଳନୀ**

**ବାଲେଶ୍ୱର, ୧୭।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଭାଗ ପକ୍ଷରୁ 'ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସାମ୍ପ୍ରତିକ ପ୍ରବୃତ୍ତି' ବିଷୟକ ଚତୁର୍ଥ ଆନ୍ତର୍ଜାତୀୟ ସମ୍ମିଳନୀ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପ୍ରମୁଖ ବୈଜ୍ଞାନିକ, ଶିକ୍ଷାବିତ୍ ଓ ଗବେଷକ ଯୋଗଦେଇ ଉନ୍ନତ ପଦାର୍ଥ ବିଜ୍ଞାନର ନବୀନ ଉନ୍ନତି ଉପରେ ଆଲୋଚନା କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ଗବେଷଣା ସଂସ୍ଥାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଦୀପା ଖୁଶାଲାନୀ, ସମ୍ମାନିତ ଅତିଥି ତଥା ବିଶେଷଜ୍ଞ ଭାବେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈରାଗୀ ଚରଣ ମଲ୍ଲିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡ. ଅଞ୍ଜନ କୁମାର ବେଜ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରସାୟନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାଢ଼ୀ ବୈଷୟିକ ଅଧିବେଶନରେ ବିଭିନ୍ନ ଆଲୋଚନାର ଦିଗର ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ସଙ୍ଗଠନ ସଚିବ ଡ. ଜୟକୃଷ୍ଣ ଦାସ ସମ୍ମିଳନୀର କେନ୍ଦ୍ରୀୟ ବିଷୟବସ୍ତୁ ଉପସ୍ଥାପନା କରିଥିଲେ। ଏହି ଅବସରରେ ଆଭାସୀ ମାଧ୍ୟମରେ ଅଷ୍ଟ୍ରେଲିଆରୁ ଡ. ରାଜେଶ କୁମାର ଜ୍ୟୋତି ଏବଂ ପ୍ରଫେସର ଏଡି. ପୋନିଏର୍ନ ଯୋଡ଼ି ହୋଇ ଉନ୍ନତ ମାଟେରିଆଲ ବିଷୟର ବିଶ୍ୱସ୍ତରୀୟ ସମସାମୟିକ ଅନୁଭବ ଉପସ୍ଥାପନ କରିଥିଲେ। ସହାୟକ ଅଧାପକ ସୁରେନ୍ଦ୍ର ହାଁସଦା ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଦ୍ୱାରା ସମ୍ମିଳନୀର ପୁସ୍ତିକା ଉନ୍ମୋଚନ ହେଉଛି।

## ଟ୍ରେନରୁ ଖସିପଡି ମହିଳାଙ୍କ ମୃତ୍ୟୁ

**ସୋର, ୧୭।୩(ଜନ୍ମେଜୟ ମିଶ୍ର)**

ସୋର ରେଳଷ୍ଟେଶନରେ ମଙ୍ଗଳବାର ସକାଳ ୭ଟାରେ ବାଙ୍ଗିରିପୋଷି-ପୁରୀ ଟ୍ରେନରେ ଚଢୁଥିବା ଜଣେ ମହିଳା ଯାତ୍ରୀ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୋର ପୌରାଞ୍ଚଳ କମାଣପୁର ଗ୍ରାମର ପଦ୍ମଲୋଚନ ପ୍ରଧାନଙ୍କ ସ୍ତ୍ରୀ ବାସନ୍ତୀ(୬୫) ଚିକିତ୍ସା ପାଇଁ ଭୁବନେଶ୍ୱର ଯିବା ପାଇଁ ଟ୍ରେନରେ ଚଢୁଥିଲେ। ପ୍ରବଳ ଭିଡ କାରଣରୁ ଉଠି ନ ପାରି ଦିବ୍ୟାଙ୍ଗ ବଗିରେ ଉଠୁଥିବା ବେଳେ ଗୋଡ ଖସିଯାଇଥିଲା। ତାଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ଗ୍ରାମୀଣ ଯୁବ ଏକତା ଶିବିର ଉଦ୍‌ଘାଟିତ



ଶିବିରରେ ଉପସ୍ଥିତ ଶିବିରାର୍ଥୀ

**ବାଲେଶ୍ୱର,୧୭।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାପାଳଙ୍କ ଅଡ଼ିଟୋରିୟମ ହଲ୍‌ରେ ଜିଲା କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଗ୍ରାମୀଣ ଯୁବ ଏକତା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଭାରତ ବର୍ଷର ଲୌହ ମାନବ ତଥା ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଏହା ଯୁବତୀଯୁବକଙ୍କ ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ଯୁବତୀଯୁବକ ସାମୂହିକ ବିକାଶ ଦିଗରେ ସଚେତନ ହେଲେ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଓ ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ବକ୍ତବ୍ୟରେ କହିଥିଲେ। ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରିସୋର୍ସପର୍ସନ ଭାବେ ପ୍ରେରଣାଦାୟକ ବକ୍ତା ପ୍ରଣବ ଶରଣ, ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଆର୍‌ଟିଓ ଶ୍ୟାମଳେନ୍ଦୁ ରାଉତ ଓ ଡିପିସି କାର୍ଯ୍ୟାଳୟର ଅଧିକାରୀ ଖଗେଶ୍ୱର ରଣା ଯୋଗଦେଇ ରାଷ୍ଟ୍ର ଗଠନରେ ଯୁବତୀଯୁବକଙ୍କ ଦାୟିତ୍ୱ ଓ ଭୂମିକା ଦିଗରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବ୍ଲକରୁ ଶତାଧିକ ଯୁବତୀଯୁବକ ଓ ସ୍ୱେଚ୍ଛାସେବୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଶିବିରାର୍ଥୀମାନେ ନିଜ ନିଜର କଳାକୃତି ପ୍ରଦର୍ଶନ କରିଥିଲେ।

## ରାମ ନବମୀ, ହନୁମାନ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର,୧୭।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନଠାରେ ରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ରାମ ନବମୀ ଏବଂ ୧୪ ଏପ୍ରିଲରେ ହନୁମାନ ଜୟନ୍ତୀ ପାଳନ କରାଯିବ। ବାଲେଶ୍ୱର ସହରରେ ଏହି ପର୍ବକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହିତ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ, ଉପଜିଲାପାଳ ଶିବ ମାଲବୀୟ, ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥ, ଆଇପିଏସ୍ ମନିଶା ସାଉଗୁନ ପ୍ରମୁଖ ମଞ୍ଚାସୀନ ଥିଲେ।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବଜ୍ୟୋତି ଦାଶ ମଞ୍ଚ ପରିଚାଳନା କରିଥିଲେ। ୨୫ ମାର୍ଚ୍ଚରେ କଳସ ଯାତ୍ରା, ୨୬ ମାର୍ଚ୍ଚରେ ମୋଟରସାଇକେଲ ରାଲି ଓ ୨୭ ମାର୍ଚ୍ଚରେ ପଦଯାତ୍ରା ହେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଆଗାମୀ ୧୪ ଏପ୍ରିଲରେ ହନୁମାନ ଜୟନ୍ତୀ ପାଳନ କରାଯିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ କହିଛନ୍ତି।

## ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

**ବାଲେଶ୍ୱର, ୧୭।୩ (ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଚାନ୍ଦିପୁର ଥାନା ଅଧୀନ ମୁଳଣାନଗର ଗ୍ରାମ ନିକଟ ଏକ ପୋଖରୀରେ ମଙ୍ଗଳବାର ପୂର୍ବାହ୍ନରେ ୩ଜଣ ନାବାଳକ ଗାଧୋଉଥିବା ବେଳେ ଜଣେ ନାବାଳକ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ନାବାଳକ ହେଲେ ମୁଳଣାନଗର ଗ୍ରାମର ବାସିନ୍ଦା ଗଗନ ସୂତାରଙ୍କ ପୁଅ ହ୍ରିତିକ (୧୪)। ହ୍ରିତିକ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ସୋମବାର ହ୍ରିତିକ ଓ ଅନ୍ୟ ଦୁଇଜଣ ନାବାଳକ ଗାଁ ନିକଟରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ପୋଖରୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ହ୍ରିତିକ ଗଭୀର ଜଳକୁ ଚାଲିଯାଇଥିଲା। ପହଁରା ଶିଖି ନ ଥିବା ଯୋଗୁ ବୁଡ଼ିଯାଇଥିଲା। ହ୍ରିତିକ ପୋଖରୀରେ ବୁଡ଼ିଯିବା ଦେଖି ଅନ୍ୟ ଦୁଇ ଜଣ ନାବାଳକ ଦୌଡ଼ି ଆସି ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଘଟଣାସ୍ଥଳକୁ ଆସି ପୋଖରୀ ଜଳରେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ଗ୍ରାମବାସୀଙ୍କ ତରଫରୁ ଚାନ୍ଦିପୁର ଥାନା ପୋଲିସ ଏବଂ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ ବାହିନୀ ପହଞ୍ଚି ପୋଖରୀରୁ ହ୍ରିତିକଙ୍କ ମୃତଦେହ ଉଦ୍ଧାର କରିଥିଲେ। ଚାନ୍ଦିପୁର ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ।

## ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟି ବୈଠକ

**ନୀଳଗିରି, ୧୭।୩(ପ୍ରଶାନ୍ତ କୁମାର ବିଶ୍ୱାଳ)**

ନୀଳଗିରି ସିପିଏମ ପାର୍ଟୀ କାର୍ଯ୍ୟାଳୟରେ ସିପିଏମ୍ ଆଞ୍ଚଳିକ କମିଟି ବୈଠକ ସାଥୀ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦଳର ସାଙ୍ଗଠନିକ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଶାସନ ପକ୍ଷରୁ ୭ ଦିନ ଭିତରେ ଈଶ୍ୱରପୁର ଫାଣ୍ଡି ଅଫିସର ନିଯୁକ୍ତି ସହିତ କୁଲଡିହା ଅଭୟାରଣ୍ୟରେ ବସବାସ କରୁଥିବା ଆଦିବାସୀ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର ବନ୍ଦ କରା ନ ଗଲେ ଦଳ ତରଫରୁ ଆନ୍ଦୋଳନ କରାଯିବ। ବୈଠକରେ ରାଜ୍ୟ କମିଟି ମୁଖ୍ୟ ସୀତାଂଶୁ ସେନାପତି, ଜିଲା ସମ୍ପାଦକ ମଣ୍ଡଳୀ ମୁଖ୍ୟ ବିଜୟ କୁମାର ପାତ୍ର, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଗଙ୍ଗାଧର ମହାନ୍ତି, କାଳିଆ ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଅସମ୍ପୂର୍ଣ୍ଣ ଜନଜାତି ଛାତ୍ରୀନିବାସ, ଅନ୍ତେବାସୀ ହଟହଟା



ପର୍ଯ୍ୟାପ୍ତ ଗୃହ ଅଭାବରୁ ଛାତ୍ରୀମାନେ ବାରଣ୍ଡାରେ ବସି ଖାଦ୍ୟ ଖାଉଛନ୍ତି।



ଅସମ୍ପୂର୍ଣ୍ଣ ଛାତ୍ରୀନିବାସ ଗୃହ।

**ଖଇରା, ୧୭।୩(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ ନୂଆଗାଁବଡ ଗ୍ରାମର ମହେନ୍ଦ୍ର ଶଚି ଉଚ୍ଚବାଳିକା ବିଦ୍ୟାଳୟର ଜନଜାତି ଅନ୍ତେବାସୀଙ୍କ ପାଇଁ ନିର୍ମାଣାଧୀନ ଛାତ୍ରୀନିବାସ ପାଖାପାଖି ଦେଢବର୍ଷରୁ ଊର୍ଦ୍ଧ୍ୱ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ୨ଟି କକ୍ଷରେ ଅଣନିଃଶ୍ୱାସୀ ହୋଇରହୁଥିବା ଏହି ଜନଜାତି ବର୍ଗର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲକୁ ଯଥାଶୀଘ୍ର ଶେଷ କରା ନ ଗଲେ ସ୍ଥାନୀୟ ନୂଆଗାଁବଡ, ରାଇଗଡିଆ ଓ ରାଉତରାୟପୁର ଆଦି ଗ୍ରାମର ଅଧିବାସୀମାନେ ଗଣଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

ବହୁପୂର୍ବରୁ ଏହି ବାଳିକା ବିଦ୍ୟାଳୟରେ ଜନଜାତି ବର୍ଗର ବାଳିକାମାନଙ୍କର ପାଠପଢାକୁ ସୁଗମ କରିବା ପାଇଁ ଛାତ୍ରୀନିବାସ ବ୍ୟବସ୍ଥା କରାଯାଇଥିଲା। ହେଲେ ବିଦ୍ୟାଳୟର କିଛି ଶ୍ରେଣୀ କୋଠରୀକୁ ହଷ୍ଟେଲ ଭାବେ ବ୍ୟବହୃତ ହେଉଥିବା ବେଳେ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ରହିବାକୁ ପଡିଥାଏ। ବହୁ ଦାବି ପରେ ଏଠାରେ ୧୨୦ ଶଯ୍ୟା ବିଶିଷ୍ଟ ଜନଜାତି ଛାତ୍ରୀନିବାସ ନିର୍ମାଣ ପାଇଁ ପାଖାପାଖି ୨କୋଟି ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୪ ଅଗଷ୍ଟ ୨୦ତାରିଖରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ଜୁଲାଇ ପୂର୍ବରୁ ସରିବା କଥା। ହେଲେ ଦେଢବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଅଦ୍ୟାବଧ ୬୦ଭାଗ କାର୍ଯ୍ୟ ବି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅଧିକ ଅର୍ଥ ମଞ୍ଜୁରୀ ଆଳରେ ଠିକାଦାର ଏହାକୁ ପକାଇ ରଖିଥିବା ନେଇ ଅଭିଯୋଗ ହୋଇଛି।

ସେପଟେ ଜନଜାତି ବର୍ଗର ଛାତ୍ରୀମାନଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ସେମାନେ ବଡ କଷ୍ଟରେ ୨ଟି କୋଠରୀରେ ରହିବା ମୁସ୍କିଲ ଥିବାରୁ ବାହାରେ ଖାଇବା ପିଇବା ସହ ଚଳପ୍ରଚଳ କରିବାକୁ ବାଧ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କ ପ୍ରତିକ୍ରିୟା ନେବାରେ ଛାତ୍ରୀନିବାସ ସମ୍ପୂର୍ଣ୍ଣ ପାଇଁ ଆହୁରି ଅର୍ଥ ଆବଶ୍ୟକ ଏବଂ ଡେଭିଏଶନ ପାଇଁ ଏସ୍‌ସି ଆଣ୍ଡ ଏସଟି ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଅର୍ଥ ଆସିବା ପରେ ଗୃହ ସମ୍ପୂର୍ଣ୍ଣ ହୋଇପାରିବ ବୋଲି କହିଛନ୍ତି।

